


# ପିଅର ଏଜୁକେଟର ମାନଙ୍କ ପାଇଁ

# ମାର୍ଗଦର୍ଶିକା



# ପିଅର ଏଜୁକେଟର ମାନଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟ

୧. ବିଦ୍ୟାଳୟରେ ଏଲ୍.ଏସ୍.ଇ. ଶେସନ୍ ପରିଚାଳନାରେ ପିଅର୍ ଏଜୁକେଟରମାନେ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କୁ ସହାୟତା ପ୍ରଦାନ କରିବେ ।

୨. ସମୟ ସମୟେରେ ପିଅର ଏଜୁକେଟରମାନେ ମଧ୍ୟ ବିଭିନ୍ନ thematic areas ଉପରେ ଏଲ.ଏସ.ଇ ଶେସନ୍ ପରିଚାଳନା କରିବେ ।

୩. ବିଦ୍ୟାଳୟ ମାନଙ୍କରେ ଯୋଗାଇ ଦିଆଯାଇଥିବା ବିଭିନ୍ନ ପୁସ୍ତକପୁସ୍ତିକା, ଭିଡ଼ିଓର କିପରି ଉପଯୁକ୍ତ ବ୍ୟବହାର ହୋଇପାରିବ ପିଅର ଏଜୁକେଟରମାନେ ତାହା ସୁନିଶ୍ଚିତ କରାଇବେ ।

୪. ବିଦ୍ୟାଳୟରେ କିଶୋରକିଶୋରୀ ମାନଙ୍କ ମଧ୍ୟରେ ଉପୁଜୁଥିବା ସମସ୍ୟାକୁ ଶୁଣିବେ ଏବଂ ତାର ସମାଧାନ ଉପାୟ ବାହାର କରିବେ ।

୫. ପିଅର ଏଜୁକେଟରମାନେ ପରିବର୍ତ୍ତନ ବାହକ change agent ହିସାବରେ ଛାତ୍ରଛାତ୍ରୀ ମାନଙ୍କର ଚାଲିଚଳନ, ବ୍ୟବହାରିକ ପରିବର୍ତ୍ତନ ପାଇଁ ଚେଷ୍ଟିତ ହେବେ ।

୬. ପିଅର ଏଜୁକେଟର ମାନେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ବିଷୟ ଉପରେ ସଚେତନମୂଳକ ବାର୍ତ୍ତା ପ୍ରଦାନ କରି ଶିକ୍ଷିତ କରାଇବା ସହ ଆବଶ୍ୟକସ୍ଥଳେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରି ବିଦ୍ୟାଳୟରେ ବିଭିନ୍ନ ସଚେତନମୂଳକ କାର୍ଯ୍ୟକ୍ରମ କରିପାରିବେ ।

୭. ପିଅର ଏଜୁକେଟର, ଯଦି କୌଣସି ଛାତ୍ର କିମ୍ଵା ଛାତ୍ରୀଙ୍କର ସମସ୍ୟା ବିଷୟରେ ଅବଗତ ହୁଅନ୍ତି ତେବେ ବ୍ୟକ୍ତିଗତ ଭାବରେ ସେହି ଛାତ୍ର/ଛାତ୍ରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବେ ନଚେତ ସେ ବିଷୟରେ ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ସୂଚୀତ କରାଇବେ ।

୮. ପିଅର ଏଜୁକେଟର, ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଏକ ସୁସ୍ଥ ଜୀବନ ଶୈଳୀ ନିର୍ବାହ କରିବା ନିମନ୍ତେ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ଉତ୍ସାହ ପ୍ରଦାନ କରିବେ ।

୯. ନିମ୍ନଲିଖିତ ବିଷୟ ଯଦି କୌଣସି ପିଅର୍ ଏଜୁକେଟରଙ୍କର ଦୃଷ୍ଟିକୁ ଆସେ ତୁରନ୍ତ Hotline Phone କିମ୍ଵା Tollfree No କ୍ଷହ Control Room ସହ ଯୋଗାଯୋଗ କରିପାରିବେ ।

- ଶିକ୍ଷକ କିମ୍ଵା ଅଣଶିକ୍ଷକ କର୍ମଚାରୀ କୌଣସି ଛାତ୍ର କିମ୍ଵା ଛାତ୍ରୀଙ୍କୁ ଦୁର୍ବ୍ୟବହାର କରୁଥାନ୍ତି ।

- ଲେଡ଼ି ମେଟ୍ରୋନ କିମ୍ଵା ରୋଷେଇଆ କିମ୍ଵା ଛାତ୍ରାବାସ ସୁପରିଟେଣ୍ଡେଣ୍ଟଙ୍କ ନିୟମିତ ଭାବରେ ଛାତ୍ରାବାସରେ ଅନୁପସ୍ଥିତ କରୁଛନ୍ତି ।

- ଯଦି ସ୍କୁଲରେ କୌଣସି (ଶିକ୍ଷକ କିମ୍ଵା ଅଣଶିକ୍ଷକ) କୌଣସି କାର୍ଯ୍ୟ ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ସେମାନଙ୍କ ବାସଗୃହ କିମ୍ଵା ନିର୍ଜନ ସ୍ଥାନକୁ ଡାକୁଛନ୍ତି ।

- ଯଦି ସ୍କୁଲର ନିର୍ଘଣ୍ଟ ସମୟ ପରେ କୌଣସି କର୍ମଚାରୀ (ଶିକ୍ଷକ କିମ୍ଵା ଅଣଶିକ୍ଷକ)ଛାତ୍ରୀଙ୍କୁ ଏକୁଟିଆ ଅଟକାଉଥାନ୍ତି ବା ରଖୁଥାନ୍ତି ।

- ଯଦି ବିନା ଅନୁମତିରେ ଇଲେକ୍ଟ୍ରିଶିୟାନ /ପାଣି ମିସ୍ତ୍ରୀ/ମୁଲିଆ/ପୁରୁଷ କର୍ମଚାରୀ କିମ୍ବା ସ୍କୁଲ/ଛାତ୍ରାବାସ କର୍ମଚାରୀଙ୍କ ପୁରୁଷ ସମ୍ପର୍କୀୟ ଛାତ୍ରାବାସରେ ପ୍ରବେଶ କରୁଛନ୍ତି ।
- ଯଦି କୌଣସି ସ୍କୁଲ କର୍ମଚାରୀଙ୍କ ପୁରୁଷ ସମ୍ପର୍କୀୟ ଛାତ୍ରୀ ନିବାସରେ ରାତ୍ରୀ ଯାପନ କରନ୍ତି ।
- ଯଦି ପିଲାମାନଙ୍କୁ ନିମ୍ନମାନର କିମ୍ବା ବାସି ଖାଦ୍ୟ ଦିଆଯାଉଛି ।
- ଯଦି କୌଣସି ସ୍କୁଲ କର୍ତ୍ତୃପକ୍ଷ କିମ୍ବା ଅଜଣା ବ୍ୟକ୍ତି ନିଶା ଦ୍ରବ୍ୟ ସେବନ କରି, ଅଶ୍ଳୀଳ ବ୍ୟବହାର କରିଥାନ୍ତି ।
- ଯଦି ନିତ୍ୟବ୍ୟବହାର ସାମଗ୍ରୀ ବା କସମେଟିକ୍ ଠିକ୍ ସମୟରେ ମିଳୁନାହିଁ ।
- ଯଦି ଛାତ୍ରୀମାନେ ସ୍କୁଲ ବାହାରକୁ ଯିବା ସମୟରେ ତାଙ୍କ ସହ କୌଣସି ଶିକ୍ଷୟତ୍ରୀ/ମେଟ୍ରୋନ୍/ମହିଳା ରୋଷେଇଆ କିମ୍ବା ଛାତ୍ରାବାସ ସୁପରିଟେଣ୍ଡେଣ୍ଟ ନଯାନ୍ତି ।
- ଯଦି କୌଣସି ଅସୁସ୍ଥ ଛାତ୍ର କିମ୍ବା ଛାତ୍ରୀଙ୍କୁ ଏକୁଟିଆ ଡାକ୍ତରଖାନାରେ ରଖାଯାଇଥାଏ ।
- ଯଦି ଭଗ୍ନ ଅବସ୍ଥାରେ ଥିବା ଘର, ସ୍କୁଲ / ଛାତ୍ରାବାସ ପରିସର ମଧ୍ୟରେ ଥାଏ, ହଷ୍ଟେଲରେ ବିଜୁଳି ଆଲୋକ କମ ହେଉଥାଏ, ନଳ ଯୋଗେ ପାଣି ଗାଧୁଆ ଘରକୁ ନଆସୁଥାଏ ଇତ୍ୟାଦି ।
- ଯଦି ସ୍କୁଲ/ଛାତ୍ରାବାସ ପରିବେଶ ମଧ୍ୟରେ କୌଣସି ଛାତ୍ର କିମ୍ବା ଛାତ୍ରୀଙ୍କୁ ଅସୁସ୍ଥତା କିମ୍ବା ଦୁର୍ଘଟଣା ଜନିତ ମୃତ୍ୟୁ ଘଟେ ।

- ଛାତ୍ରୀ ନିବାସରେ ଥିବା ହଟ ଲାଇନ୍ ଫୋନ୍‌ର ବ୍ୟବହାରକୁ ବାରଣ କରାଯାଏ ।
- ସ୍କୁଲ ମଧ୍ୟରେ ତମାଖୁ, ନିଶା ଦ୍ରବ୍ୟ ଖାଇବା କିମ୍ବା ରଖିବା । ବଡ଼ ଭାଇ ଓ ଭଉଣୀମାନଙ୍କର ସାନ ପିଲାଙ୍କ ପ୍ରତି ରାଗିଙ୍ଗ ହେଉଥାଏ ।
- ଯଦି କୌଣସି ଛାତ୍ରୀ ନିର୍ଯ୍ୟାତନାର ଶିକାର ହୋଇଥିବାର ଜାଣନ୍ତି କିମ୍ବା ସେହିଭଳି କୌଣସି ମାନସିକ ଅବସାଦରେ ଥିବାର ଅନୁଭବ କରନ୍ତି ।
- ଯଦି କୌଣସି ଛାତ୍ରୀ, କୌଣସି ବ୍ୟକ୍ତିବିଶେଷ ସହ ଯୌନ ସମ୍ପର୍କରେ ଥାନ୍ତି କିମ୍ବା ଗର୍ଭଧାରଣ ପରିସ୍ଥିତିରେ ଥିବାର ଆଶଙ୍କା କରୁଛନ୍ତି ବା ଅବଗତ ଅଛନ୍ତି ।
- ଯଦି ଅନ୍ୟକିଛି ଅସୁବିଧା ସ୍କୁଲ କିମ୍ବା ଛାତ୍ରାବାସ ପରିଚାଳନାରେ ଅନୁଭବ କରନ୍ତି ।
- ଯଦି ସ୍କୁଲରେ କୌଣସି କର୍ମଚାରୀ (ଶିକ୍ଷକ କିମ୍ବା ଅଣଶିକ୍ଷକ) ଛାତ୍ରୀଙ୍କୁ ଖରାପ ଦୃଷ୍ଟିରେ ଦେଖୁଛନ୍ତି କିମ୍ବା ଯୌନ ସମ୍ପର୍କ ପାଇଁ ବାଧ୍ୟ କରୁଛନ୍ତି ତାହେଲେ ଯଥାଶୀଘ୍ର କଣ୍ଟ୍ରୋଲ ରୁମକୁ ଅବଗତ କରାନ୍ତୁ ।

# ଛାତ୍ରୀଛାତ୍ରୀମାନଙ୍କୁ ସୁନିଶ୍ଚିତ ସୁରକ୍ଷା ଓ ନିରାପତ୍ତା ପ୍ରଦାନ ପାଇଁ ନିୟମାବଳୀ

- ଶିକ୍ଷାନୁଷ୍ଠାନ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀ, ଛାତ୍ରଛାତ୍ରୀ ମାନଙ୍କର ମର୍ଯ୍ୟଦା, ଅଧିକାର ଓ ବ୍ୟକ୍ତିଗତ ଗୋପନୀୟତାକୁ ଉପଯୁକ୍ତ ସମ୍ମାନ ଦେବେ ।

- ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀ, ଛାତ୍ରଛାତ୍ରୀ ମାନଙ୍କ ପ୍ରତି ଭଦ୍ର ଓ ନରମ ଭାବ ପୋଷଣ କରିବା ସହିତ ସେମାନେ କିଭଳି ଏକ ସୁସ୍ଥ ଓ ନିରାପଦ ପରିବେଶରେ ପାଠ ପଢ଼ିବେ ସେଥିପ୍ରତି ବିଶେଷ ଧ୍ୟାନ ଦେବେ ।

- କୌସି ପରିସ୍ଥିତି ବ କାରଣ ବଶତଃ କୌଣସି ଛାତ୍ରାଛାତ୍ରୀଙ୍କୁ କୌଣସି ଶିକ୍ଷକ/ଶିକ୍ଷୟିତ୍ରୀ ବା କର୍ମଚାରୀ ନିଜର କ୍ୱାର୍ଟର/ବାସଗୃହକୁ ଡାକିପାରିବେ ନାହିଁ ।

- କୌଣସି ଶିକ୍ଷକ/ପୁରୁଷ କର୍ମଚାରୀ କିମ୍ବା ଅନ୍ୟ କୌଣସି ପୁରୁଷ ବ୍ୟକ୍ତି ସଙ୍ଗରେ ଜଣେ ଶିକ୍ଷୟିତ୍ରୀ କମ୍ବା ମହିଳା କର୍ମଚାରୀ ନନେଇ ଛାତ୍ରୀ ନିବାସ ପରିସର ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ ।

- ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀ ସର୍ବଦା ସତର୍କ ରହିବା ସହିତ କୌଣସି ଛାତ୍ରୀଛାତ୍ରୀଙ୍କ ପ୍ରତି କୌଣସି ପ୍ରକାର ନିର୍ଯ୍ୟାତନା ଆଶଙ୍କା କଲେ କିମ୍ବା ପ୍ରତ୍ୟକ୍ଷ ବା ପରୋକ୍ଷ ସୂଚନା ପାଇଲେ ତୁରନ୍ତ ସଂପୃକ୍ତ ବରିଷ୍ଠ ଅଧିକାରୀଙ୍କୁ ଜଣାଇବେ ।

- କୌଣସି ପ୍ରକାର ଅସୁସ୍ଥତା କିମ୍ବା ନିର୍ଯ୍ୟାତନାରେ ଆକ୍ରାନ୍ତ ହେଲେ ସଂପୃକ୍ତ ଛାତ୍ରଛାତ୍ରୀଙ୍କୁ ତୁରନ୍ତ କେଡ଼ିକାଲ ଚିକିତ୍ସା ଯୋଗାଇ ଦେବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଶେଷ ଧ୍ୟାନ ଦେବେ ।

- ବିଦ୍ୟାଳୟ ପରିସରକୁ ଆସୁଥିବା ବ୍ୟକ୍ତିମାନଙ୍କର ନାମ, ଠିକଣା, ଆସିବା ସମୟ, ଫେରିବା ସମୟ, ଆସିବାର ଅଭିପ୍ରାୟ ଆଦିର ବିବରଣୀ ରଖିବା ପାଇଁ ଏକ ପୁସ୍ତିକା ବିଦ୍ୟାଳୟର ମୁଖ୍ୟ ଫାଟକ ନିକଟରେ ରଖାଯିବ ।

- ଛାତ୍ର/ଛାତ୍ରୀମାନଙ୍କର ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥାର ଅନୁଧ୍ୟାନ ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟତ୍ରୀ ସାପ୍ତାହିକ ବୈଠକ କରିବେ ।

- ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ର/ଛାତ୍ରୀମାନଙ୍କ ମନରେ ଏପରି ଆତ୍ମ ପ୍ରତ୍ୟୟ ସୃଷ୍ଟି ପରିବେ ଯାହାଦ୍ୱାରା ସେମାନେ କର୍ତ୍ତୃପକ୍ଷଙ୍କୁ ସେମାନଙ୍କ ସୁରକ୍ଷା ଓ ନିରାପତ୍ତା କମ୍ପର୍କିତ କୌଣସି ଘଟଣାକୁ ନିର୍ଭୀକ ଓ ନିସଙ୍କୋଚ ଭାବେ କହିପାରିବେ । ସେହି ଛାତ୍ର/ଛାତ୍ରୀଙ୍କ ନାମ ବିଦ୍ୟାଳୟ କର୍ତ୍ତୃପକ୍ଷ ଗୋପନ ରଖିବେ ।

- କୌଣସି ଛାତ୍ର/ଛାତ୍ରୀଙ୍କୁ ନିର୍ଯ୍ୟାତନା ଦେଉଥିବା କିମ୍ବା ଶୋଷଣ କରୁଥିବା କୌଣସି ଶିକ୍ଷକ/ଶିକ୍ଷୟତ୍ରୀ ବା କର୍ମଚାରୀଙ୍କୁ କଦାପି ବରଦାସ୍ତ କରାଯିବ ନାହିଁ ।

- ବିଦ୍ୟାଳୟର କୌସି ଛାତ୍ରଛାତ୍ରୀଙ୍କ ପ୍ରତି ନିର୍ଯ୍ୟାତନା କିମ୍ବା ଶୋଷଣ ଏକ ଗୁରୁତର ଅପରାଧ ଏବଂ ସେଥିପାଇଁ ସଂପୃକ୍ତ ଶିକ୍ଷକ/ଶିକ୍ଷୟତ୍ରୀ ବା କର୍ମଚାରୀଙ୍କୁ ଓଡ଼ିଶା ସିଭିଲ ସର୍ଭିସେସ (କ୍ଲାସିଫିକେସନ, କଣ୍ଟ୍ରୋଲ ଓ ଅପିଲ) ରୁଲ୍ସ, ୧୯୬୨ ଧାରା ଅନୁଯାୟୀ ଚାକିରିରୁ ବରଖାସ୍ତ କରାଯାଇପାରେ ।

- ପୋକ୍ସୋ ଆକ୍ଟ, ୨୦୧୨ ର ଧାରା ଅନୁସାରେ କୌଣସି ଶିଶୁ ଯୌନ ନିର୍ଯ୍ୟାତନାର ଶିକାର ହେବା ବିଷୟରେ ଜ୍ଞାତ ବ୍ୟକ୍ତି ସୂଚନା ଦେବାକୁ ବାଧ୍ୟ । ସୂଚନା ନ ଦେଲେ ତାଙ୍କୁ ୬ ମାସ ଜେଲ ଦଣ୍ଡ କିମ୍ବା ଜରିମାନାରେ ଦଣ୍ଡିତ କରାଯାଇପାରେ ।

**ବିଶେଷ ଦ୍ରଷ୍ଟବ୍ୟ :** ଉପରୋକ୍ତ ନିୟମାବଳୀ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପତ୍ର ସଂଖ୍ୟା ୩୩୯୬୩/ଏସ୍. ଏସ୍. ଡି ୨୪.୧୨.୨୦୧୪ ରେ ଜାରି କରାଯାଇଥିବା ''ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ସମ୍ପର୍କିତ ମାର୍ଗଦର୍ଶିକା'' ରୁ ଉଦ୍ଧୃତ ।

**କମିଶନର-ତଥା-ଶାସନ ସଚିବ**
**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ**

# ଛାତ୍ରୀଛାତ୍ରୀ ମାନଙ୍କର ସୁନିଶ୍ଚିତ ଖାଦ୍ୟ ସୁରକ୍ଷା ପାଇଁ ନିୟମାବଳୀ

- ରୋଷେଇ ପାଇଁ ଆବଶ୍ୟକ ସମସ୍ତ ଖାଦ୍ୟଶସ୍ୟ, ସଉଦା ଓ ପନିପରିବାକୁ ଭଣ୍ଡାରଘରେ ଏକ ସଫା, ଶୁଖିଲା, ଉଚ୍ଚ ପିଣ୍ଡି ବା ଥାକରେ ରଖାଯିବ ।

- ରୋଷେଇ ପାଇଁ ଆବଶ୍ରକ ସମସ୍ତ ସାମଗ୍ରୀ ଗୁଡ଼ିକ ଉନ୍ନତମାନର ହୋଇଥିବ । କୌରସି ପରିସ୍ଥିତିରେ ପଚାସଢ଼ା ପନିପରିବା, ଫିମ୍ପି ମାରିଥିବା କିମ୍ବା ପୋକ ଲାଗିଥିବା ଚାଉଳ, ଡାଲି ବା ଅନ୍ୟ କୌଣସି ଖାଦ୍ୟଶସ୍ୟ/ ସାମଗ୍ରୀ ଭଣ୍ଡାର ଘରେ ରଖାଯିବ ନାହିଁ ।

- ରୋଷେଇ କରୁଥିବା ବ୍ୟକ୍ତି ଖାଦ୍ୟ ରାନ୍ଧିବା ପୂର୍ବରୁ ଏବଂ ଖାଦ୍ୟ ବାଢ଼ିବା ପୂର୍ବରୁ ସାବୁନ ଦ୍ୱାରା ନିଜର ହାତ ଧୋଇ ପରିଷ୍କାର କରିବେ ଏବଂ ନିୟମିତ ବ୍ୟବଧାନରେ ନିଜର ନଖ କାଟିବେ ।

- ରୋଷେଇ ଗୃହ /ରୋଷେଇ ଶାଳ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖାଯିବ । ପନପରିବା ଗୁଡ଼ିକୁ ଏକ ସଫା ସ୍ଥାନ ବା ସଫା ମ୍ୟାଟ୍ ଉପରେ କଟାଯିବା ପରେ ଭଲକରି ଧୁଆଯାଇ ରୋଷେଇ କରାଯିବ ।


- ସର୍ବଦା ସମସ୍ତ ରନ୍ଧା ଖାଦ୍ୟ ଗୁଡ଼ିକୁ ସଫା ପାତ୍ରରେ ଢ଼ାକୁଣୀ ଦ୍ୱାରା ଘୋଡ଼ୋଯାଇ ପରିଷ୍କାର ଓ ନିରାପଦସ୍ଥାନରେ ରଖାଯିବ ।

- କୌଣସି ଅପ୍ରୀତିକର ପରିସ୍ଥିତିରେ ନପଡ଼ିବା ପାଇଁ କୌଣସି ଛାତ୍ର/ଛାତ୍ରୀଙ୍କୁ ପରିବା କାଟିବା, ରାନ୍ଧିବାରେ ସାହାଯ୍ୟ କରିବା, ଖାଦ୍ୟ ବାଢ଼ିବା ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ନାହିଁ ।

- ସଫାଥିବା ଖାଇବା ଗୃହ ବା ନିର୍ଦ୍ଦିଷ୍ଟ ଖାଇବା ସ୍ଥାନରେ ଛାତ୍ର/ଛାତ୍ରୀମାନଙ୍କୁ ଖାଦ୍ୟ ଖାଇବାକୁ ଦିଆଯିବ ।
- ସଫା ଥାଳି, ଗିନା, ଥାଳିଆ ଆଦିରେ ଛାତ୍ରଛାତ୍ରୀମାନଙ୍କୁ ଖାଇବାକୁ ଦିଆଯିବ ।
- ଖାଇବା ପୂର୍ବରୁ ଓ ଖାଇବା ପରେ ଛାତ୍ରଛାତ୍ରୀମାନେ ସାବୁନ୍ ଦ୍ୱାରା ନିଜ ନିଜର ହାତ ଧୋଇବେ ।
- ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ଭାବେ ବସିବା ପରେ ସେମାନଙ୍କର ଥାଳିରେ ଖାଦ୍ୟ ପରଷାଯିବ । କୌଣସି ପରିସ୍ଥିତିରେ ସେମାନଙ୍କୁ ଧାଡ଼ିରେ ଆସି ରୋଷେଇ ଘରୁ / ରୋଷେଇଶାଳରୁ ଖାଦ୍ୟ ନେବା ପାଇଁ କୁହାଯିବ ନାହିଁ ।
- ଖାଦ୍ୟ ପରିଷିବା ନିମନ୍ତେ ସଫା ଷ୍ଟିଲ୍ ବାଲଟି, ବଡ଼ ହ୍ୟାଣ୍ଡେଲ୍ ଥିବା ଡଙ୍କି ଓ ଚାମଚ ବ୍ୟବହାର କରାଯିବ । ଖାଲି ହାତରେ ଖାଦ୍ୟ ପରଷାଯିବ ନାହିଁ ।
- କୌଣସି ପରିସ୍ଥିତିରେ ବଳକା ଖାଦ୍ୟ ବା ବାସି ଖାଦ୍ୟ ରୋଷେଇ ଘରେ, ହଷ୍ଟେଲ ପରିସରରେ ରଖାଯିବ ନାହିଁ କିମ୍ବା ଏହି ଖାଦ୍ୟକୁ ପୁଣିଥରେ ଛାତ୍ରଛାତ୍ରୀଙ୍କୁ ଦିଆଯିବ ନାହିଁ ।
- ଛାତ୍ରଛାତ୍ରୀମାନେ ଖାଇସାରିବା ପରେ ସେମାନଙ୍କର ଖାଇବା ଘର/ସ୍ଥାନକୁ ଉତ୍ତମ ରୂପେ ପରିଷ୍କାର କରାଯିବ ।

**କମିଶନର-ତଥା-ଶାସନ ସଚିବ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ**



# ମୋର ଶରୀର ମୋର ଅଧିକାର



ମୋର ଇଚ୍ଛା ବିରୁଦ୍ଧରେ କିମ୍ବା ବିନା ଅନୁମତିରେ ମୋର ଶରୀରକୁ କେହି ସ୍ପର୍ଶ ବା ଛୁଇଁ ପାରିବେ ନାହିଁ । ମୋର ଅଧିକାର ଅଛି କାହାର ସ୍ପର୍ଶ ବା ଛୁଇଁବା ମୋତେ ଭଲ ଲାଗୁନଥିଲେ ମୁଁ 'ନା' କହିପାରିବି ।



କାହାର ସ୍ପର୍ଶ ଯଦି ଆପଣଙ୍କୁ ଅଶ୍ୱସ୍ତିକର ବା ଅସୁରକ୍ଷିତ ଲାଗୁଥାଏ କିମ୍ବା ଆପଣ କୌଣସି ଯୌନ ନିର୍ଯ୍ୟାତନାର ସମ୍ମୁଖୀନ ହେଉଥାନ୍ତି,

## ମନେରଖନ୍ତୁ

ସେ ବ୍ୟକ୍ତି ନିକଟରୁ ବା ସେ ସ୍ଥାନରୁ ଦୌଡ଼ିକି ପଳାନ୍ତୁ

---

ଏକୁଟିଆ ନିର୍ଜନ ସ୍ଥାନକୁ କିଏ ଡାକୁଥିଲେ ଯାଆନ୍ତୁ ନାହିଁ


---

ଆପଣଙ୍କୁ ଦଣ୍ଡ ମିଳିବ, ପରୀକ୍ଷାରେ ମାର୍କ କାଟି ଦିଆଯିବ, ମିଳୁଥିବା ସୁବିଧା ସୁଯୋଗରୁ ଆପଣଙ୍କୁ ବଂଚିତ କରାଯିବ କିମ୍ବା ସ୍କୁଲ/ହଷ୍ଟେଲରୁ ବାହାର କରି ଦିଆଯିବ ଏହି ଭୟରେ ଘଟଣାଟିକୁ ଗୁପ୍ତ ରଖନ୍ତୁ ନାହିଁ


---

ଯଦି ଏପରି କିଛି ଘଟଣା ଘଟୁଛି ତେବେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରନ୍ତୁ ବା
ଟୋଲ୍ ଫ୍ରି ନଂ 1800 345 3040 ବା
ଚାଇଲ୍ଡ ଲାଇନ ନଂ 1098 ରେ ଫୋନ୍ କରନ୍ତୁ

**ତୁମ ପ୍ରତି ହେଉଥିବା ଯୌନ ନିର୍ଯ୍ୟାତନା ପାଇଁ ଆପଣ ଆଦୌ ଦାୟୀ ନୁହଁନ୍ତି । ନିଜର ଆତ୍ମବିଶ୍ୱାସ ବଢ଼ାନ୍ତୁ ।**




# ମାସିକ ଋତୁସ୍ରାବ



ମାସିକ ଋତୁସ୍ରାବ ଏକ ସ୍ୱାଭାବିକ ପ୍ରକ୍ରିୟା । ପ୍ରତି ମାସରେ ଏକ ନିର୍ଦ୍ଦିଷ୍ଟ ବ୍ୟବଧାନରେ ୨୧ ରୁ ୩୫ ଦିନ ଭିତରେ ଏହା ହୋଇଥାଏ । ପ୍ରାୟତଃ ୯, ୧୦ ବର୍ଷ ବୟସରୁ ୧୪ ବର୍ଷ ବୟସ ଭିତରେ କିଶୋରୀଟିଏ ପ୍ରଥମ ଋତୁସ୍ରାବ ଦେଖିଥାଏ ।

## ସାନିଟାରୀ ପ୍ୟାଡ୍‌ର ବ୍ୟବହାର ଏବଂ ନଷ୍ଟ କରିବାର ପଦ୍ଧତି



ସାନିଟାଣୀ ପ୍ୟାଡ୍ ପ୍ରତି ୪-୬ ଘଣ୍ଟା ଅନ୍ତରରେ ବଦଳାଇବା ଉଚିତ୍ । ସ୍ରାବର ମାତ୍ରା ଅନୁସାରେ ଆପଣ ସାନିଟାରୀ ପ୍ୟାଡ୍ ବଦଳାଇ ପାରିବେ ।

ବ୍ୟବହୃତ ପ୍ୟାଡ୍ କୁ ପୁରୁଣା ଖବରକାଗଜରେ ଗୁଡ଼ାଇ ଡଷ୍ଟବିନ୍‌ରେ ପକାଇବା । ଉଚିତ୍ କିମ୍ବା ଗାତ ଖୋଳି ପୋତିଦେବା ଉଚିତ୍ । ସ୍କୁଲରେ ଇନ୍ସିନେରେଟର ମେସିନ ଥିଲେ ବ୍ୟବହୃତ ପ୍ୟାଡ୍ ସେଥିରେ ପକାଇ ପୋଡ଼ି ପାରିବେ ।



## ଋତୁସ୍ରାବଜନିତ ଭ୍ରାନ୍ତଧାରଣା




- ଋତୁସ୍ରାବ ସମୟରେ ଶରୀରରୁ ନିର୍ଗତ ହେଉଥିବା ରକ୍ତ ଅଶୁଦ୍ଧ ଅଟେ
- ଋତୁସ୍ରାବ ସମୟରେ ଝିଅଟିଏ ଅପବିତ୍ର ହୋଇଥାଏ ତେଣୁ ସେ ମନ୍ଦିର, ରୋଷେଇ ଘର ପ୍ରବେଶ ନ କରିବା ସହ ଶୁଭ କାର୍ଯ୍ୟରେ ଯୋଗଦେବ ନାହିଁ । ଆଚାର ଖରାପ ହୋଇଯାଏ, ତୁଳସୀଗଛ ଛୁଇଁଲେ ତାହା ମରିଯାଏ
- ଋତୁସ୍ରାବ ହେଉଥିବା ବେଳେ ଅଲଗା ରହିବା, ଅଲଗା ଶୋଇବା, ଅଲଗା ବାସନରେ ଖାଇବା ଉଚିତ୍
- ଋତୁସ୍ରାବ ଆରମ୍ଭ ହେଲେ ତୁରନ୍ତ / ସାଙ୍ଗେ ସାଙ୍ଗେ ମୁଣ୍ଡ ଧୋଇ ଗାଧୋଇବା ଉଚିତ୍
- ଋତୁସ୍ରାବ ସମୟରେ ସ୍କୁଲକୁ ଯିବା ବା ଖେଳାଖେଳି କରିବା ଅନୁଚିତ୍
- ବ୍ୟବହୃତ ପ୍ୟାଡ୍‌କୁ ପାଣିରେ ଧୋଇ ତାକୁ ଡଷ୍ଟବିନ୍, ଗାତ ବା ଇନ୍ସିନେରେଟର ମେସିନରେ ପକାଇବା ଉଚିତ୍ କିନ୍ତୁ ପ୍ୟାଡ୍‌କୁ ପୋଡ଼ିବା ଅନୁଚିତ୍ ନଚେତ ପେଟ କାଟିବ ଏବଂ ଭବିଷ୍ୟତରେ ଗର୍ଭ ରହିବ ନାହିଁ


ଉପରଲିଖିତ ଭ୍ରାନ୍ତଧାରଣାର କୌଣସି ସତ୍ୟାସତ୍ୟ ନାହିଁ ।

ଖୁସି ଯୋଜନା ମାଧ୍ୟମରେ ଓଡ଼ିଶା ସରକାର, ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ସମସ୍ତ ଛାତ୍ରୀମାନଙ୍କୁ ମାଗଣାରେ ସାନିଟାରୀ ପ୍ୟାଡ୍ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । ଖୁସି ସାନିଟାରୀ ପ୍ୟାଡ୍ ୩ ମାସରେ ଥରେ ଯୋଗାଇ ଦିଆଯିବ । ଏଥିରେ ୫୪ ଟି ପ୍ୟାଡ୍ ରହିଥାଏ । ଯାହାକୁ ଛାତ୍ରୀଜଣକ ୩ ମାସ ପର୍ଯ୍ୟନ୍ତ ବ୍ୟବହାର କରିପାରିବ ।

**ଖୁସି : ଓଡ଼ିଶା ସରକାରଙ୍କ ଦ୍ୱାରା କିଶୋରୀମାନଙ୍କ ପାଇଁ ଏକ ଖୁସିର ଖବର ଏବଂ ଏକ ଅନନ୍ୟ ଯୋଜନା**



# ଲିଙ୍ଗଗତ ସମାନତା





ଆମେ ଆମ ଝିଅମାନଙ୍କୁ ଶିକ୍ଷା ସହିତ
ବଞ୍ଚିବାର କୌଶଳ ମଧ୍ୟ ଶିଖାଇଥାଉ ।
....କିନ୍ତୁ ଆପଣଙ୍କର?



ମୋ ପରୀକ୍ଷା ସମୟରେ ମୋ ଭାଇ ମୋତେ
ଘରକାମରେ ସାହାଯ୍ୟ କରିଥାଆନ୍ତି
...କିନ୍ତୁ ତୁମ କ୍ଷେତ୍ରରେ ?



ଆମ ଘରେ ଉଚ୍ଚଶିକ୍ଷା ନିମନ୍ତେ ଝିଅମାନଙ୍କୁ ମଧ୍ୟ ପୁଅମାନଙ୍କ ପରି ସମାନ ଅଧିକାର ଦିଆଯାଏ ।


... କିନ୍ତୁ ଆପଣଙ୍କ କ୍ଷେତ୍ରରେ?

ଆମ ବିଦ୍ୟାଳୟରେ ଝିଅ ଓ ପୁଅ ଉଭୟଙ୍କୁ ପାଠ ସହିତ ଅନ୍ୟାନ୍ୟ ଦକ୍ଷତା ଭିତ୍ତିକ କୌଶଳ ପ୍ରଦାନ କରାଯାଏ ।


... କିନ୍ତୁ ଆପଣଙ୍କର?



**ଲିଙ୍ଗଗତ ସମାନତା ଭିତ୍ତିରେ ଉଭୟ ପୁଅ ଓ ଝିଅଙ୍କର ବଞ୍ଚିବାର ସମାନ ଅଧିକାର ରହିଛି**




# ସନ୍ତୁଳିତ ଆହାର
## (Balanced Diet)



**ଶରୀରର ଅଭିବୃଦ୍ଧି ଓ ଶକ୍ତି ଯୋଗାଇବା ପାଇଁ କୈଶୋରବସ୍ଥାରେ ସନ୍ତୁଳିତ ଆହାର ଅତି ଆବଶ୍ୟକ ଅଟେ ।**

## ତ୍ରିରଙ୍ଗା ଆହାର

| |
|---|
| ନାରଙ୍ଗୀ |
| ଧଳା |
| ସବୁଜ |



ଭିଟାମିନ୍ ଓ ଖଣିଜସାରର ଅଭାବଜନିତ ରୋଗ ଏବଂ ପୋଷକତତ୍ୱ ମାଧ୍ୟମରେ ତାର ନିରାକରଣ

| | | |
|---|---|---|
| ଜୀବସାର | ଜୀବସାର-ଏ<br>ଅନ୍ଧାରକଣା,<br>ବି-ବେରିବେରି,<br>ସି-ସ୍କର୍ଭି,<br>ଡି-ରିକେଟସ୍ ଆଦି ରୋଗରୁ ମୁକ୍ତ ରଖିଥାଏ । | ଏ - ହଳଦିଆ ଫଳ (ପାଚିଲା ଅମୃତଭଣ୍ଡା, ଆମ୍ବ, କଖାରୁ, ଗାଜର)<br>ବି - ସବୁଜ ପନିପରିବା, ଫଳ, ଶସ୍ୟ ଜାତୀୟ ଖାଦ୍ୟ, ଦୁଗ୍ଧ ଜାତୀୟ ଖାଦ୍ୟ<br>ଓି - ଖଟାଜାତୀୟ ଫଳ କମଳା, ଲେମ୍ବୁ, ଅଙ୍ଗୁର<br>ଡ଼ି - ଦୁଗ୍ଧ ଜାତୀୟ ଖାଦୀୟ ଖୀର, ଦହି ଛେନା<br>ଇ - ଶସ୍ୟ ଜାତୀୟ ଖାଦ୍ୟ, ସବୁଜ ପନିପରିବା, ବାଦାମ<br>କେ - ଗାଢ଼ ସବୁଜ ପନିପରିବା, ବିଟ୍ ଉଲକୋବି |

| | | |
|---|---|---|
| କ୍ୟାଲ୍‌ସିୟମ୍ | ହାଡ଼ ଓ ଦାନ୍ତକୁ ଶକ୍ତ ରଖେ, ରୋଗ ପ୍ରତିଷେଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ | ଦୁଗ୍ଧ ଜାତୀୟ ଖାଦ୍ୟ ଖୀର, ଦହି, ଛେନା |
| ଲୌହସାର | ରକ୍ତହୀନତା, ଥକାପଣ ଦୂର କରେ | ଶାଗ, ସବୁଜ ପନିପରିବା, ସଜନା ଶାଗ, ଛୁଇଁ, ପୋଇ, ଖଜୁରୀ ଗୁଡ଼, କିସ୍‌ମିସ ଚୂନାମାଛ, ଆଇରନ ଫଲିକ ଏସିଡ୍ ବଟିକା |
| ଆୟୋଡ଼ିନ୍ | ଶରୀରର ଶିରା ପ୍ରଶିରା, ମାଂସପେଶୀ ଠିକ୍ ଭାବରେ କାର୍ଯ୍ୟ କରିବାରେ ସାହାଯ୍ୟ କରେ, ଗଳଗଣ୍ଡ ରୋଗ ଦୂର କରିବାରେ ସାହାଯ୍ୟ କରେ | କଦଳୀ, କ୍ଷୀର, ସେଓ, ଦହି, ମାଛ, ମକା, ସବୁଜମଟର ଆୟୋଡିନ୍‌ଯୁକ୍ତ ଲୁଣ |

## ମନେରଖନ୍ତୁ



ଖାଦ୍ୟ ଘୋଡ଼ାଇ ରଖିବା ଉଚିତ

ଫଳ ଭଲରେ ଧୋଇକି ଖାଇବା ଉଚିତ





ଫଳ କାଟିକରି ଅଧିକ ସମୟ ରଖିବା ଅନୁଚିତ

ପନିପରିବା ଭଲରେ ଧୋଇକି କାଟିବା ଉଚିତ





ବାସି, ତେଲଛଣା ଖାଦ୍ୟରୁ ଦୂରେଇ ରହିବା ଉଚିତ

ଖାଦ୍ୟ ଖାଇବା ଓ ପ୍ରସ୍ତୁତ ପୂର୍ବରୁ ଭଲରେ ହାତ ଧୋଇବା ଉଚିତ






ଶୌଚାଳୟକୁ ଯିବା ସମୟରେ ଚପଲ ବ୍ୟବହାର କରିବା ଉଚିତ

ଶୌଚାଳୟ ପରେ ହାତକୁ ଭଲ ଭାବରେ ସାବୁନରେ ଧୋଇବା ଉଚିତ



**ବିଦ୍ୟାଳୟରେ ମାଗଣାରେ ପ୍ରତି ସପ୍ତାହ ସୋମବାର ଦିନ ଯୋଗାଇ ଦିଆଯାଉଥିବା ଆଇରନ୍ ଫଲିକ୍ ଏସିଡ୍ ବଟିକା ସେବନ କରନ୍ତୁ ।**



# ଅପରିପକ୍ୱ / ଅଳ୍ପ ବୟସରେ ବିବାହ ଓ ମାତୃତ୍ୱର କୁପରିଣାମ ଓ ନିରାକରଣ



## ଯେତେବେଳେ ବାଲ୍ୟବିବାହ ହୁଏ



ବାଲ୍ୟ ବିବାହ ପିଲାମାନଙ୍କୁ / ବାଳିକାମାନଙ୍କୁ ନିଜର ମୌଳିକ ଅଧିକାର ଯେପରିକି ଉତ୍ତମ ସାସ୍ଥ୍ୟ, ପୋଷଣ, ଶିକ୍ଷା ଆଦିରୁ ବଞ୍ଚିତ କରୁଛି ।

## ଯେତେବେଳେ ବାଲ୍ୟବିବାହ ହୁଏନାହିଁ



ଝିଅମାନେ ଏକ ସୁସ୍ଥ ଶୈଶବ ଏବଂ ଶିକ୍ଷା ଲାଭ କରିବାର ମୌଳିକ ଅଧିକାର ପାଇପାରିବେ ।

ଆର୍ଥିକ କ୍ଷେତ୍ରରେ ସଚ୍ଛଳ ତଥା ଆତ୍ମନିର୍ଭରଶୀଳ ମହିଳା ହୋଇ ଆଗକୁ ବଢ଼ିବା ନିମନ୍ତେ ସେମାନଙ୍କ ନିକଟରେ ସୁଯୋଗ ରହିଛି ।





ବାଲ୍ୟବିବାହ ବହୁ ସମୟରେ ଝିଅମାନଙ୍କୁ ଚାଲାଣ କରି ଯୌନ ଶୋଷଣ କାର୍ଯ୍ୟରେ ଲିପ୍ତ କରାଇବା ତଥା ବନ୍ଧା ପଡୁଥିବା ଶ୍ରମିକଙ୍କ ଭଳି ବ୍ୟବହାର କରିବା ନିମନ୍ତେ ସୋପାନ ହୋଇଥାଏ ।




ସାଧାରଣତଃ ଯେଉଁ ମହିଳାମାନେ ବାଲ୍ୟ ଅବସ୍ଥାରେ ବିବାହ କରିଥାନ୍ତି ଅଧିକାଂଶ ଘରୋଇ ହିଂସାର ଶିକାର ହୋଇଥାନ୍ତି ।



କମ୍ ବୟସରେ ମା' ହେବା ଉଭୟ ମା' ଏବଂ ଶିଶୁ ପାଇଁ ବିପଦ ହୋଇପାରେ । ଶିଶୁଟି ପୃଷ୍ଟିହୀନତାର ବା କମ ଓଜନ ହେବାର ସମ୍ଭାବନା ରହିଥାଏ ।



ଝିଅମାନଙ୍କର ସାମର୍ଥ୍ୟ ଏବଂ ସାହସ ପରିବାରର ଅନ୍ୟ ସଦସ୍ୟମାନଙ୍କ ନିମନ୍ତେ ସମର୍ଥନର ଏକ ଉତ୍ସ ହୋଇଥାଏ ।




ସେମାନେ ନିଜ ଜୀବନକୁ ପ୍ରଭାବିତ କରୁଥିବା ନିଷ୍ପତି ସକ୍ରିୟ ଭାବେ ନିଜେ ନେବା ପାଇଁ ସକ୍ଷମ ହୋଇଥାନ୍ତି ।



ଶିକ୍ଷିତ ତଥା ସ୍ୱାବଲମ୍ବୀ ଝିଅମାନେ ନିଜ ପରିବାର, ସମାଜ ତଥା ଜାତିର କଲ୍ୟାଣ ନିମନ୍ତେ ସହାୟ ହୁଅନ୍ତି ।

## ବାହାଘର ଏବେ ନୁହେଁ !! ମୋ' କୈଶୋରାବସ୍ଥା ମୋ' ଅଧିକାର



# ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ନିୟମାବଳୀ



୧ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜର ସହପାଠୀ ତଥା ସହଛାତ୍ରଛାତ୍ରୀମାନଙ୍କ ପ୍ରତି ସମ୍ମାନ, ଭଦ୍ରତା, ସ୍ନେହ, ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରିବେ ।

୨ କୌଣସି ଛାତ୍ରଛାତ୍ରୀ ବିଦ୍ୟାଳୟ କିମ୍ବା ହଷ୍ଟେଲ ପରିସରରେ ତମାଖୁ ଜାତୀୟ ପଦାର୍ଥ ଯଥା ପାନ ମସଲା, ଗୁଟଖା, ସିଗାରେଟ ଓ ମାଦକ ଦ୍ରବ୍ୟ ରଖିବେ ନାହିଁ ।

୩ କୌଣସି ଛାତ୍ର, ଛାତ୍ରୀ ନିବାସରେ କିମ୍ବା କୌଣସି ଛାତ୍ରୀ, ଛାତ୍ର ନିବାସରେ ପ୍ରବେଶ କରିବେ ନାହିଁ ।

୪ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜର ତଥା ଅନ୍ୟ ଛାତ୍ରଛାତ୍ରୀଙ୍କ ନିରପତ୍ତା ଓ ମଙ୍ଗଳ ନିମନ୍ତେ ଯତ୍ନବାନ ହେବେ ।

୫ ଯଦି କୌଣସି ଛାତ୍ରୀ କିମ୍ବା ଛାତ୍ର ନିଜ ପ୍ରତି କିମ୍ବା ଅନ୍ୟ ସହପାଠୀ ପ୍ରତି ହେଉଥିବା ଯୌନ ନିର୍ଯାତନା, ମାନସିକ ନିର୍ଯାତନା, ଖରାପ ବ୍ୟବହାର ବିଷୟରେ ଅବଗତ ହୁଅନ୍ତି ତେବେ ତୁରନ୍ତ ହଷ୍ଟେଲ ସୁପରିଟେଣ୍ଡେଣ୍ଟ କିମ୍ବା ମାଟ୍ରନଙ୍କୁ ଜଣାଇବେ । ନଚେତ୍ ଲିଖିତ ଅଭିଯୋଗ, ଅଭିଯୋଗ ବାକ୍ସରେ ପକାଇବେ ।

୬ ଆପଣ ଯଦି ଆପଣଙ୍କର କୌଣସି ସହପାଠୀର/ଅନ୍ତେବାସୀର ଅସୁସ୍ଥତା ବିଷୟରେ ଅଗବତ ହୁଅନ୍ତି ତେବେ ତୂରନ୍ତ ସୁପରିଟେଣ୍ଡେଣ୍ଟ/ମାଟ୍ରନ/ଏଏନ୍ଏମ୍‌ଙ୍କୁ ଜଣାନ୍ତୁ ।

୭ କୌଣସି ଛାତ୍ରଛାତ୍ରୀ ନିଜର ଆଚରଣ (act) ମାଧ୍ୟମରେ କିମ୍ବା ମୌଖିକ (verbally) ଭାବରେ ଅନ୍ୟ ଛାତ୍ରଛାତ୍ରୀମାନଙ୍କ ପ୍ରତି ଅସଦାଚରଣ ବ୍ୟବହାର ଦେଖାଇବେ ନାହିଁ ।

୮ କୌଣସି ଛାତ୍ରଛାତ୍ରୀ ନିଜର ବିଶୃଙ୍ଖଳିତ ଆଚରଣ ମାଧ୍ୟମରେ ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ଶାରୀରିକ କିମ୍ବା ମାନସିକ ସ୍ତରରେ ପୀଡ଼ା/କଷ୍ଟ ପହଞ୍ଚାଇବେ ନାହିଁ ।



୯ କୌଣସି ଛାତ୍ରଛାତ୍ରୀ ନିଜର ମନୋରଞ୍ଜନ ପାଇଁ ଅନ୍ୟ ଛାତ୍ରଛାତ୍ରୀଙ୍କୁ ଗୀତ ଗାଇବା, ନାଚିବା, କୌଣସି ଅଭିନୟ କରି ଦେଖାଇବା ପାଇଁ ବାଧ୍ୟ କରିବେ ନାହିଁ ।

୧୦ କୌଣସି ଛାତ୍ରଛାତ୍ରୀଙ୍କର (junior) ବ୍ୟବହାର ଅନୁଚିତ ଲାଗୁଥିଲେ ନିଜେ କୌଣସି ପଦକ୍ଷେପ ନେଇ ଉପରିସ୍ଥ ଅଧିକାରୀ ବା (hostel superintendent)ଙ୍କୁ ଅବଗତ କରାନ୍ତୁ ।

୧୧ କୌଣସି ଛାତ୍ରଛାତ୍ରୀ ଶିକ୍ଷକ, ଅଣଶିକ୍ଷକ ଓ ସହ ଛାତ୍ରଛାତ୍ରୀମାନଙ୍କ ସହ ଅନୈତିକ ସମ୍ପର୍କ ସ୍ଥାପନ କରିବେ ନାହିଁ ।

Azim Premji
Philanthropic
Initiatives

UNFPA

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ଅନୁଷ୍ଠାନ,
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି କଲ୍ୟାଣ ବିଭାଗ, ଓଡ଼ିଶା ସରକାର
ଏପିପିଆଇ ଏବଂ ୟୁଏନ୍ଏଫ୍ପିଏ ଦ୍ୱାରା ପ୍ରସ୍ତୁତ